# ଶିବ ଜୟନ୍ତି-ଗୋଟିଏ ସାର୍ବଭୌମିକ ଉତ୍ସବ

ଏହା ବିଡ଼ମ୍ବନା ଯେ ସର୍ବଶକ୍ତିମାନ ପରମାତ୍ମାଙ୍କୁ ଲୋକମାନେ ନିଜର ଶ୍ରଦ୍ଧା ଓ ଭାବନାରେ ସ୍ମରଣ କରୁଥିଲେ ମଧ୍ୟ ତାଙ୍କର ଯଥାର୍ଥ ରୂପକୁ ଜାଣି ନାହାନ୍ତି । ସୃଷ୍ଟିର ନିଅନ୍ତା ପରମାତ୍ମାଙ୍କ ଅଦଭୁତ ରଚନାକୁ ଦେଖି ତାଙ୍କର ଗୁଣଗାନ କରି ଆସୁଛେ । କିନ୍ତୁ ସେହି ପରମ ସତ୍ତା ଚୈତନ୍ୟ ପରମାତ୍ମାଙ୍କର ଅଲୌକିକ ଅନୁଭବ କରି ନାହେଁ । ସବୁଠୁ ଆଶ୍ଚର୍ଯ୍ୟ ଯେ ଆତ୍ମାର ସ୍ଥୁଳନେତ୍ର ସମ୍ମୁଖରେ କୌଣସି ମୂର୍ତ୍ତିର ରୂପ ନ ଥିଲେ ମଧ୍ୟ ମାନସ ପଟରେ କେଉଁଠି ନା କେଉଁଠି ସେହି ପବିତ୍ର ନିରାକାର ପରମାତ୍ମାଙ୍କର ଅସ୍ପଷ୍ଟ ଛବି ଦୃଶ୍ୟମାନ ହୁଏ, ଯାହାକୁ ତାହାର ଭ୍ରମିତ ବୁଦ୍ଧି ବୁଝିପାରେ ନାହିଁ ।

ପୂର୍ବକାଳରେ ଅନେକ ଋଷିମୁନିମାନେ ଘୋର ତପସ୍ୟା କରି ନେତି ନେତି ଅର୍ଥାତ ନାହିଁ ନାହିଁ କହିଦେଇଥିଲେ । ପରମାତ୍ମାଙ୍କ ଅନ୍ତ ପାଇବା କଠିନ ଅଟେ । ବିଜ୍ଞାନ କ୍ଷେତ୍ରରେ ପ୍ରଗତି କରିବାବାଲା ବୈଜ୍ଞାନିକ ମାନେ ମଧ୍ୟ କହିଦେଇଛନ୍ତି ଯେ ଯେଉଁଠି ବିଜ୍ଞାନ ସମାପ୍ତ ହେଉଛି ସେହିଠାରୁ ଆଧାତ୍ମିକତାର ଆରମ୍ଭ । ବିଜ୍ଞାନ କେବଳ ଏହା କହିପାରିଛି ଯେ ଏହି ଆକାଶ ଗଙ୍ଗାର ଆଗକୁ କୌଣସି ଏପରି ଉର୍ଜାର ସ୍ରୋତ ଅଛି ଯାହା ଉର୍ଜାସବୁକୁ ନିୟନ୍ତ୍ରଣ କରିଥାଏ । ସେହି ସ୍ରୋତଟି କ'ଣ ଏହାର ଉତ୍ତରରେ ମଧ୍ୟ ବିଜ୍ଞାନ ମୌନ ପ୍ରକାଶ କରିଛି । କେବଳ ଏତିକି କହିଛି ଯେ ଏହି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ବିଷୟରେ ଯାହା ବି ଏ ପର୍ଯ୍ୟନ୍ତ ଜଣାପଡ଼ିଛି, ଏହି ବିଶାଳ ମହାସାଗର ତୁଳନାରେ ବିନ୍ଦୁଏ ମାତ୍ର ।

ପ୍ରକୃତିର ଉର୍ଜା ସହ ପ୍ରଭାବିତ ମାନବ ଆଧାତ୍ମିକ ଶକ୍ତିର ଅସୀମ ସ୍ରୋତ ପରମାତ୍ମାଙ୍କୁ ଜାଣିପାରିବ ନାହିଁ । ସତ କହିବାକୁ ଗଲେ ଜଣେ ସାଧାରଣ ମାନବକୁ ପରମାତ୍ମାଙ୍କ ଦିବ୍ୟ ଶକ୍ତିର ଆଭାସ ହୋଇ ପାରି ନ ଥାଏ । ଏବଂ ସାଧାରଣ ମାନବର ବୁଦ୍ଧି ସୂକ୍ଷ୍ମତିସୂକ୍ଷ୍ମ ଶକ୍ତିକୁ ସାଧାରଣ ବୁଦ୍ଧି ଦ୍ୱାରା ବୁଝାଯାଇପାରେନା । ପରମାତ୍ମା ଅସ୍ତିତ୍ତ୍ୱକୁ ବୁଝିବା ଏବଂ ତାଙ୍କ ସହ ପରମ ମିଳନର ଅନୁଭବ କରିବାପାଇଁ କେବଳ ବିଦ୍ୱାନ ହେବା ପର୍ଯ୍ୟାପ୍ତ ନୁହେଁ ।

ପରମାତ୍ମାଙ୍କର ଯଥାର୍ଥ ପରିଚୟ ସ୍ୱୟଂ ପରମାତ୍ମା ହିଁ ଦେଇଥାନ୍ତି । ପରମାତ୍ମାଙ୍କ ଦିବ୍ୟ ଅବତରଣ ହୋଇଥାଏ । ସୃଷ୍ଟି ପରିବର୍ତ୍ତନରେ ପରମାତ୍ମାଙ୍କର ମୁଖ୍ୟ ଭୂମିକା ରହିଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ସ୍ପଷ୍ଟ ଜଣାପଡ଼େ ଉର୍ଜା ଗୋଟିଏ ରୂପରୁ ଅନ୍ୟ ଗୋଟିଏ ରୂପରେ ପରିବର୍ତ୍ତନ ହେବା ବା ସତୋପ୍ରଧାନରୁ ତମୋପ୍ରଧାନ ରୂପରେ ପରିବର୍ତ୍ତନ ହେବା ଏହା ଗୋଟିଏ ସମୟର ଚକ୍ରିୟ

କ୍ରମରେ ହୋଇଥାଏ । ତମୋପ୍ରଧାନ ଉର୍ଜାକୁ ସତ୍ତୋପ୍ରଧାନରେ ପରିବର୍ତ୍ତନ ହେବାକୁ ହିଁ ସୃଷ୍ଟିର ନବୀକରଣ କୁହାଯାଏ ।

ସୃଷ୍ଟିର ନବନିର୍ମାଣ କରିବାର ଏହି କ୍ରମରେ ଉର୍ଜାସବୁର ମହାସ୍ରୋତ ପରମାତ୍ମାଙ୍କର ସାଧାରଣ ମାନବୀୟ ଶରୀରରେ ଦିବ୍ୟ ଅବତରଣ, ଦିବ୍ୟ ଘଟଣା ମଧ ଏପରି ସମୟରେ ଘଟିଥାଏ, ଯେତେବେଳେ ସୃଷ୍ଟିର ତାତ୍ତ୍ୱିକ ଉର୍ଜା ସବୁ ତମୋପ୍ରଧାନ ହୋଇସାରିଥାଏ । ତାତ୍ତ୍ୱିକ ଉର୍ଜା ସବୁର ତମୋପ୍ରଧାନ ହେବା ଏବଂ ନୈତିକ ଅଭୌତିକ ଆତ୍ମାମାନଙ୍କର ପତିତ ହେବା, ଏକ ସମୟରେ ହିଁ ହୋଇଥାଏ । ଏଥିପାଇଁ ଏହା କୁହାଯାଇଛି, ଯଦା ଯଦା ହି ଧର୍ମସ୍ୟ ଗ୍ଲାର୍ନିଭବତି ଭାରତଃ.. ଅର୍ଥାତ ଯେତେବେଳେ ଧର୍ମର ଅତି ଗ୍ଲାନି ହୋଇଥାଏ, ସେତେବେଳେ ପରମାତ୍ମାଙ୍କର ଅବତରଣ ହୋଇଥାଏ । ଏହା ସବୁ ସୃଷ୍ଟିର ସମୟ ଚକ୍ରର ଅନ୍ତିମ ପ୍ରହରରେ ଘଟିଥାଏ । ବର୍ତ୍ତମାନ ସମୟରେ ସମସ୍ତ ପ୍ରକାରର ତାତ୍ତ୍ୱିକ ଉର୍ଜା ତମୋପ୍ରଧାନ ଅବସ୍ଥାକୁ ଆସିଯାଇଛି । ଏବେ ପୁନର୍ବାର ନିରାକାର ଜ୍ୟୋତି ସ୍ୱରୂପ ପରମାତ୍ମା ଦିବ୍ୟ ଅବତରିତ ହୋଇ ନିଜର ଦିବ୍ୟ କର୍ତ୍ତବ୍ୟ କରିଚାଲିଛନ୍ତି । ଏବେ ଏହି ଧରାଧାମ ଏବଂ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ନିଜର ପୂର୍ବ ସ୍ଥିତିକୁ ଆସିଯିବ । ଏହି ସଂସାର ପରିବର୍ତ୍ତନ ପ୍ରକ୍ରିୟା ଦ୍ୱାରା ପୁନର୍ବାର ସତ୍ୟଯୁଗରେ ପରିବର୍ତ୍ତିତ ହେବ । ବିଜ୍ଞାନ ମତ ଅନୁସାରେ ପଦାର୍ଥ ବା ତତ୍ତ୍ୱର ଯେତେ କ୍ଷୁଦ୍ରାଦିକ୍ଷୁଦ୍ର ଅଂଶ ସେତେ ଶକ୍ତିଶାଳୀ ହୋଇଥାଏ, ଆଧାତ୍ମିକ ବିଜ୍ଞାନର ସୂକ୍ଷ୍ମତା ଦୈହିକତା ଠାରୁ ଆଗରେ । ଗୁଣ ଓ ଶକ୍ତିର ସାଗର ହୋଇଥିବା କାରଣରୁ ପରମାତ୍ମାଙ୍କୁ ଗୁଣାତ୍ମକ ସର୍ବଶକ୍ତିମାନ କୁହାଯାଏ । ସେ ସର୍ବଶକ୍ତିମାନ, ସେଥିପାଇଁ ସେ ହେଉଛନ୍ତି କ୍ଷୁଦ୍ରାଦିକ୍ଷୁଦ୍ର । ବିଜ୍ଞାନର ତର୍କ ଅନୁସାରେ କୁହାଯାଏ ଭୌତିକ ପଦାର୍ଥ ବା ତତ୍ତ୍ୱର ଏକ ନିର୍ଦ୍ଦିଷ୍ଟ ରୂପ ଥାଏ । ଠିକ ସେହିପରି ଅଭୌତିକ ଓ ଅସୀମ ଚୈତନ୍ୟ ଶକ୍ତି ପରମାତ୍ମାଙ୍କର ହିଁ ନିଜସ୍ୱ ଓ ଦିବ୍ୟ ରୂପ ଅଛି । ଜଡ଼ ପଦାର୍ଥର ରୂପ ଥିବାରୁ ନାମ ମଧ ଥାଏ । ନାମବିହୀନ କୌଣସି ବସ୍ତୁ ନ ଥାଏ । ଠିକ ସେହିଭଳି ସର୍ବଶକ୍ତିମାନ ନିରାକାର ଜ୍ୟୋତିସ୍ୱରୂପ ପରମାତ୍ମାଙ୍କର ମଧ ରୂପ ଅଛି । ତାଙ୍କର ଗୁଣ ଓ କର୍ତ୍ତବ୍ୟ ବାଚକ ନାମ “ଶିବ” । ପରମାତ୍ମାଙ୍କର ଅଭୌତିକ ରୂପ ସୂକ୍ଷ୍ମାତିସୂକ୍ଷ୍ମ ଦିବ୍ୟ ବିନ୍ଦୁ ଓ ସ୍ୱରୂପରେ ଜ୍ୟୋତିଭଳି ।

ପରମାତ୍ମାଙ୍କୁ ପରମ ଚୈତନ୍ୟ ଉର୍ଜା ଏବଂ ସର୍ବପ୍ରକାରର ଉର୍ଜାର ସ୍ରୋତ କହିବା ଯୁକ୍ତିସଂଗତ ହେବ । ସେଥିପାଇଁ ତାଙ୍କୁ ସତ୍-ଚିତ୍-ଆନନ୍ଦ ସ୍ୱରୂପ କୁହାଯାଏ । ସେ ସତ୍ୟ, ସାସତ ଓ ଅପରିବର୍ତ୍ତନୀୟ । ସେ ପରମ ଚୈତନ୍ୟ ଅର୍ଥାତ ସୃଷ୍ଟିର ଆଦି ମଧ ଅନ୍ତର ଜ୍ଞାତା ସର୍ବଜ୍ଞ । ସେ ସଦାବେଳେ ଆନନ୍ଦ ସ୍ୱରୂପ ଅର୍ଥାତ ପରମ ଚୈତନ୍ୟତାର ପରାକାଷ୍ଠାରେ ସଦାବେଳେ ସ୍ଥିର ରହିବା ବାଲା । ସେ

ସଦାବେଳେ ଅଭିନ୍ନ । ସେ ଅଜନ୍ମା ପ୍ରକୃତିର ସତୋ-ରଜୋ-ତମୋ ଅବସ୍ଥାର ପ୍ରଭାବରୁ ଉର୍ଦ୍ଧ୍ୱରେ । ପରମାତ୍ମା ଅନାଦି ଅବିନାଶୀ ଓ ଗୁଣର ସାଗର । ବାସ୍ତବରେ ତାଙ୍କୁ ବ୍ୟକ୍ତି ବସ୍ତୁର ସଂଜ୍ଞା ଅନୁସାରେ ସୀମାବଦ୍ଧ କରିହେବ ନାହିଁ । ତଥାପି ମଧ୍ୟ ବ୍ୟବହାରିକ ଓ ବିବେକ ସମ୍ମତ ଭାଷାରେ ତାଙ୍କୁ ପରମ ଉର୍ଜା, ପରମ କଲ୍ୟାଣକାରୀ "ସଦାଶିବ" ର ସଂଜ୍ଞା ଦିଆଯାଇଛି ।

ଆଧ୍ୟାତ୍ମିକ ଶକ୍ତି ଓ ଗୁଣର ସ୍ରୋତ ନିରାକାର ପରମାତ୍ମା ସବୁପ୍ରକାରର ଉର୍ଜାର ଉଦ୍ଗମ ଓ ଆକର୍ଷଣର କେନ୍ଦ୍ର । ସେ ସୂକ୍ଷ୍ମାତିସୂକ୍ଷ୍ମ ଉର୍ଜାର ଦାତା । ଭୌତିକ ଜଗତର ସୂର୍ଯ୍ୟ ଭଳି ଏହି ଦୁନିଆର ଉପରେ ଆଧ୍ୟାତ୍ମିକ ଜଗତରେ ସ୍ଥିତ ପରମଜ୍ୟୋତି ପରମାତ୍ମା ଚୈତନ୍ୟ ସୂର୍ଯ୍ୟ ସମାନ । ତାଙ୍କ ଶକ୍ତିର ଅନୁଭୂତି ପାଇଁ ତାଙ୍କ ସମକ୍ଷ୍ୟ ପବିତ୍ର ମନୋସ୍ଥିତି ଓ ବୁଦ୍ଧିଯୋଗର ଏକାଗ୍ରତା ହେବା ଅନିବାର୍ଯ୍ୟ ।

ଘଟଣା ଘଟିବାପରେ ସ୍ମୃତି ହୋଇଯାଏ । ଭକ୍ତିର ପ୍ରଚଳିତ ପ୍ରଥା ଓ ମାନ୍ୟତାରେ ପରମାତ୍ମାଙ୍କର ଦିବ୍ୟ ଅବତରଣର ସ୍ମୃତି ଭିନ୍ନ ଭିନ୍ନ ରୂପରେ ଦେଖିବାକୁ ମିଳେ । ଭକ୍ତିର ଆଦି କାଳରେ ନିରାକାର ପରମାତ୍ମାଙ୍କର ମନୁଷ୍ୟ ଶରୀରରେ ଦିବ୍ୟ ଅବତରଣର ସୂଚନାତ୍ମକ ସ୍ମୃତି ରହିଛି । ଯାହାକୁ ଶିବଜୟନ୍ତି ମଧ୍ୟ କୁହାଯାଏ । ସହସ୍ର ବର୍ଷରୁ ପାଳନ କରି ଆସୁଥିବା ଶିବଜୟନ୍ତି ଉତ୍ସବ ପ୍ରଦର୍ଶିତ କରେ ଯେ ନିରାକାର ଜ୍ୟୋତି ସ୍ୱରୂପ ପରମାତ୍ମାଙ୍କର ଦିବ୍ୟ ଅବତରଣ ସୃଷ୍ଟିଚକ୍ରର କ୍ରମରେ ଅତୀତ ହୋଇଯାଇଛି । ତେଣୁ ସେହି ସ୍ମୃତିକୁ ଉଦ୍‌ଜୀବିତ କରି ପାଳନ କରୁଛନ୍ତି ଶିବଜୟନ୍ତି ମହୋତ୍ସବ । ସୃଷ୍ଟି ନିରନ୍ତର ଚକ୍ରାକାରରେ ଘୁରିଚାଲିଛି । ପରମାତ୍ମା ସୃଷ୍ଟିର ନବୀକରଣ କରିବାର କ୍ରମକୁ ସ୍ଥାୟୀ ରଖିବା ପାଇଁ ଅବତରିତ ହୋଇ ନିଜର ଦିବ୍ୟ କର୍ତ୍ତବ୍ୟ କରାଇଥାନ୍ତି । ସୃଷ୍ଟିର ପରିବର୍ତ୍ତନର ପ୍ରକ୍ରିୟାରେ ପରମାତ୍ମାଙ୍କ ଅବତରଣ ମଧ୍ୟ ଏକ ଅଟଳ ସତ୍ୟ ।

ଆଧ୍ୟାତ୍ମିକ ଦୃଷ୍ଟିରୁ ସମସ୍ତ ଆତ୍ମାମାନଙ୍କର ଅବିନାଶୀ ସମ୍ବନ୍ଧ ପରମାତ୍ମାଙ୍କ ସହ ଅଛି । ଆମର ନିଜର ପୁରୁଷାର୍ଥ ଓ ପରମାତ୍ମ ଶକ୍ତିର ସୂକ୍ଷ୍ମ ସହଯୋଗରେ ଆମେ ଆତ୍ମାମାନେ ନିଜର ଅନାଦି ଚୈତନ୍ୟତାର ସ୍ଥିତିକୁ ପୁନଃ ପ୍ରାପ୍ତ କରୁଛେ । ଏହି ସୃଷ୍ଟିରେ ପରମାତ୍ମା ଆମ ଆତ୍ମାମାନଙ୍କୁ ନୂଆ ଅଲୌକିକ ଜନ୍ମ ଦେଇଥିବା ଆମର ଆତ୍ମିକ ପିତା ଅଟନ୍ତି । ସେ ସମସ୍ତ ପିତା ଓ ଧର୍ମପିତାଙ୍କର ମଧ୍ୟ ପରମପିତା । ସୃଷ୍ଟିରେ ଏହି ଶିବଜୟନ୍ତି ପର୍ବର ସମ୍ବନ୍ଧ କେବଳ କୌଣସି କ୍ଷେତ୍ର, ଦେଶ ବା ଧର୍ମ ସମ୍ପ୍ରଦାୟର ନୁହେଁ । ଏହା ବିଶ୍ୱର ସର୍ବ ଆତ୍ମାଙ୍କସହ ସମ୍ବନ୍ଧ ରଖିଥିବାରୁ ଏହା ସର୍ବଭୌମିକ ।

ପରମପିତା ପରମାତ୍ମା ଶିବଙ୍କ ନାମ, ରୂପ, କର୍ତ୍ତବ୍ୟ ଓ ଦିବ୍ୟଜନ୍ମର ଏହା ସଂକ୍ଷିପ୍ତ ବିବେକ ସମ୍ମତ । ତେଣୁ ଶିବଜୟନ୍ତି ପର୍ବକୁ ବଡ଼ ଧୁମଧାମରେ ପାଳନ କରିବା ଉଚିତ୍ । ପରମାତ୍ମାଙ୍କ ଦିବ୍ୟ

କର୍ତ୍ତବ୍ୟର ସମୟ ସୃଷ୍ଟିରେ ଚାଲିଛି । ଏବେ ଅନେକ ଭାବନା ଅନେକ ମାନ୍ୟତା ଓ କର୍ମକାଣ୍ଡରେ ସମୟ ନଷ୍ଟ ନ କରି ପରମାତ୍ମା ପିତାଙ୍କୁ ଯଥାର୍ଥ ରୂପରେ ଚିହ୍ନି ତାଙ୍କସହ ବୁଦ୍ଧିଯୋଗ ରଖି ନିଜକୁ ଧନ୍ୟ ଧନ୍ୟ କରିବା । ପରିବର୍ତ୍ତନର ଏହି ସମୟକୁ ନେଇ କୁହାଯାଏ "ଏବେ ନୁହେଁ ତ କେବେ ନୁହେଁ " ॥ ଓମ୍ ଶାନ୍ତି ॥

**ବ୍ର.କୁ. କବିତା ଦାଶ**
**ଆବୁ ପର୍ବତ**
**ରାଜସ୍ଥାନ**